# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 December - 2024

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ନେଇ ଆଜି ଅନୁଷ୍ଠିତ ହେବ ମନ୍ତ୍ରିମଣ୍ଡଳସ୍ତରୀୟ ବୈଠକ ।
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାଲିଛି ଜନ ଅଭିଯୋଗ ଶୁଣାଣି ।
- ଫସଲବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା ପ୍ରଦର୍ଶନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ - କହିଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି କଳିଙ୍ଗ ଲାନ୍ସର୍ସ ଏବଂ ୟୁପି ରୁଦ୍ରସ ମଧ୍ୟରେ ହେବ ମୁକାବିଲା ।

## ଚାଷ କ୍ଷୟକ୍ଷତି

ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଛି । ଏନେଇ ଆଜି ସଂଧ୍ୟାରେ ମନ୍ତ୍ରିମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ

ହେବ । ଏସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଚାଷୀମାନଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଗତକାଲି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ସେ ନିଜେ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଫସଲ ନଷ୍ଟ ହୋଇଥିବା ଦେଖିଛନ୍ତି । ସେ କହିଛନ୍ତି ଖୁବ୍‌ଶୀଘ୍ର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ । ଆଜି ବିଭିନ୍ନ ଜିଲ୍ଲାରୁ ଫସଲ କ୍ଷୟକ୍ଷତି ନେଇ ରିପୋର୍ଟ ମିଳିବା ପରେ ସହାୟତା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ଇତିମଧ୍ୟରେ କ୍ଷତିଗ୍ରସ୍ତ ଜିଲ୍ଲା ଗୁଡ଼ିକରେ ଧାନ ମଣ୍ଡିରେ ଚାଷୀମାନଙ୍କ ଠାରୁ ଧାନସଂଗ୍ରହ ସମୟରେ ଏଫ୍.ଏ.କ୍ୟୁ ମାନ କୋହଳ କରିବାକୁ କୁହାଯାଇଛି । ଏ ସମ୍ପର୍କରେ ଭାରତୀୟ ଖାଦ୍ୟ ନିଗମ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ସୂଚନାଯୋଗ୍ୟ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଥିଲେ । ସେ କହିଥିଲେ ରାଜ୍ୟ ସରକାର ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉଚିତ୍ କ୍ଷତିପୂରଣ ଯୋଗାଇଦେବେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଟକ ଜିଲ୍ଲାର ଚାଷ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଭଦ୍ରକ ଜିଲ୍ଲା ଗସ୍ତ କରି ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସେହିପରି

ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଅଞ୍ଚଳ ଗସ୍ତ କରିଥିଲେ ।

ତେବେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କ ଫସଲବୀମା ଓ ଅନ୍ୟାନ୍ୟ କ୍ଷୟକ୍ଷତି ନିମନ୍ତେ ଆବେଦନ ତାରିଖକୁ ଆଜି ଦିନକ ପାଇଁ ବୃଦ୍ଧି କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରୁଛନ୍ତି । ସପ୍ତମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି ଶୁଣାଣି ହେଉଛି । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଏବଂ ଖାଉଟୀ କଲ୍ୟାଣ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି । ବିଭିନ୍ନ ବିଭାଗର ବରିଷ୍ଠ ସଚିବ ଓ ଅଧିକାରୀମାନେ ଅଭିଯୋଗ ଶୁଣାଣି କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସହାୟତା କରୁଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି । ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ତିହିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଶିବିରରେ ୯୧ଟି ଅଭିଯୋଗର ଶୁଣାଣି ହୋଇଥିବା ଜଣାପଡିଛି ।

## ଛବିଲ ସାଏଙ୍କ ବଳିଦାନ ଦିବସ

ସହିଦ ବୀର ଛବିଲ ସାଏଙ୍କ ବଳିଦାନ ଦିବସରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ ବୀର ଛବିଲ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସମ୍ବଲପୁର ଜିଲ୍ଲା କୁଦୋପାଲିରେ ମାତୃଭୂମିର ସୁରକ୍ଷା ପାଇଁ ତାଙ୍କର ବଳିଦାନ ସର୍ବଦା ସ୍ମରଣୀୟ ବୋଲି କହିଛନ୍ତି ।

ଏହି ଅବସରରେ ସମ୍ବଲପୁର ଜିଲ୍ଲା କୁଦୋପାଲିରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ୧୮୫୭ ସଂଗ୍ରାମରେ ସହିଦ ହୋଇଥିବା ବୀର ଛବିଲ ସାଏଙ୍କ ସମେତ ୫୭ଜଣ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି...

**- V/O –**

## ସୁଭଦ୍ରା ଟଙ୍କା

ମହିଳାମାନଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଲାଗି ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ଆସନ୍ତାବର୍ଷ ୩ଟି ପର୍ଯ୍ୟାୟରେ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଗଣମାଧ୍ୟମ ସହ ଆଲୋଚନାବେଳେ ସେ କହିଛନ୍ତି ଆସନ୍ତାବର୍ଷ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାର୍ଚ୍ଚ ୮ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯିବ । ପରେ ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ ଏବଂ ରକ୍ଷାବନ୍ଧନ ଦିନ ଆଉ ୨ଟି ପର୍ଯ୍ୟାୟରେ ଅର୍ଥ ପ୍ରଦାନ କରାଯିବ । ସେ କହିଛନ୍ତି ଜାନୁଆରୀ ପ୍ରଥମ ସପ୍ତାହରେ ସମସ୍ତ ତଥ୍ୟ ମିଳିବା ପରେ ଏହି ଯୋଜନାରୁ ଯେଭଳି କେହି ବଞ୍ଚିତ ନହେବେ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ।

## ସୁରେଶ ପୂଜାରୀ-ଚାଷ କ୍ଷୟକ୍ଷତି

ରାଜ୍ୟର ଚାଷୀମାନଙ୍କୁ ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୀମା କମ୍ପାନୀଗୁଡ଼ିକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସତର୍କ କରାଇ ଦେଇଛନ୍ତି । ସେ କହିଛନ୍ତି କ୍ଷୟକ୍ଷତି ଦେଖିଲାପରେ କେବଳ ଧାନ ନୁହେଁ ପନିପରିବା, କପା ଓ ଚିନାବାଦାମ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ୨ଲକ୍ଷ ଚାଷୀ ବୀମା କମ୍ପାନୀଗୁଡ଼ିକ ନିକଟରେ ଅଭିଯୋଗ

କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ଆସନ୍ତା ଜାନୁଅରୀ ୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ବୃଦ୍ଧି କରିବା ଲାଗି ସମବାୟ ସଚିବ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି । ଅନ୍ୟପକ୍ଷରେ ବୀମା କରିନଥିବା ଚାଷୀମାନଙ୍କୁ ମଧ୍ୟ ସହାୟତା ଯୋଗାଇ ଦେବାଲାଗି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ସେ କହିଛନ୍ତି ।

ଶ୍ରୀ ପୂଜାରୀ କହିଛନ୍ତି ଅଦିନିଆ ବର୍ଷା କ୍ଷୟକ୍ଷତି ବିପର୍ଯ୍ୟୟ ପରିଧି ମଧ୍ୟରେ ଆସୁନଥିବାରୁ ଏହାକୁ ସେଥିରେ ସାମିଲ କରିବା ଲାଗି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି...

**- V/O –**

## ବାର୍ଷିକ ସମ୍ମିଳନୀ

ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଭଞ୍ଜନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁସୁଦନ ଦାସଙ୍କ ଆଦର୍ଶକୁ ମାଧ୍ୟମ କରି କାର୍ଯ୍ୟ କରିବାକୁ ହେଲେ ଆଇନଜୀବୀମାନେ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବାକୁ

କହିଛନ୍ତି । ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦିଗରେ ବେଞ୍ଚ ଓ ବାର୍‌ର ଉତ୍ତରଦାୟିତ୍ୱ ରହିଛି ବୋଲି ସେ କହିଥିଲେ ।

## ଶ୍ରୀମନ୍ଦିର-ବକୁଳ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ବକୁଳ ଅମାବାସ୍ୟା ଯୋଗୁଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ବିଧି ମୁତାବକ ସକାଳ ଦୀପ ନୀତି ପରେ ପ୍ରଭୁ ନାରାୟଣଙ୍କ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ପାଲିଙ୍କିରେ ନାରାୟଣ ଠାକୁରଙ୍କୁ ଶ୍ରୀମନ୍ଦିରରୁ ମହୋଦଧିକୁ ବିଜେ କରାଯାଇଥିଲା । ପରେ ନାରାୟଣ ଠାକୁର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ତେବେ ଆଜି ନବବର୍ଷ ପୂର୍ବରୁ ଶ୍ରୀଜୀଉଙ୍କୁ ଦର୍ଶନ ସମୟରେ ପ୍ରବଳ ଭିଡ଼ ଯୋଗୁଁ ୪ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡିଛି । ଆସନ୍ତାକାଲି ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବେ ଏବଂ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଜଣାପଡିଛି ।

ସୂଚନା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶ୍ରୀ ଜୀଉଙ୍କ ଦର୍ଶନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ନାଟମଣ୍ଡପରୁ ଅନଧିକୃତ

ଅବରୋଧଗୁଡିକୁ ଉଠାଇ ଦିଆଯାଇଛି । ଆସନ୍ତା ମଙ୍ଗଳବାର ଏବଂ ବୁଧବାର ନୂଆବର୍ଷ ଦିନ ଶ୍ରୀଜୀଉଙ୍କର ଶୃଙ୍ଖଳିତ ନୀତିକାନ୍ତି ନେଇ ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ  ଆଲୋଚନା ହୋଇଛି ।

## ସୁରେଶ ପୂଜାରୀ-ନୂଆବର୍ଷ

ନୂଆବର୍ଷରୁ ରାଜ୍ୟ ସରକାର ନୂଆ ଆଭିମୁଖ୍ୟ, ନୂଆ ରଣନୀତି ଓ ନୂଆ ଉତ୍ସାହ ନେଇ କାର୍ଯ୍ୟ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଆସନ୍ତା ବର୍ଷରେ ରାଜ୍ୟ ବିଜେପି ସରକାରର ଆଭିମୁଖ୍ୟ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ରାଜ୍ୟ ସରକାର ପ୍ରତ୍ୟେକଟି ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେଭଳି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜରେ ପହଞ୍ଚିପାରିବ ସେ ନେଇ ନୂଆ ରଣକୌଶଳ ଗ୍ରହଣ କରିବେ ।

# ଗଞ୍ଜାମ-ଜିରୋ ନାଇଟ୍ ସେଲିବ୍ରେସନ

ନୂଆବର୍ଷ ମଧ୍ୟରାତ୍ରି ପାଳନକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଓ ଉପକଣ୍ଠରେ ନୂଆବର୍ଷ ମଧ୍ୟରାତ୍ରି ପାଳନ ସମୟରେ ସୁରକ୍ଷା ଦୃଷ୍ଟିରୁ ଗୋପାଳପୁର ବେଳାଭୂମି ସମେତ ବ୍ରହ୍ମପୁରରେ ୫ ପ୍ଲାଟୁନ

ପୋଲିସ ଫୋର୍ସ ମୁତୟନ କରାଯିବ । ସହର ମଧ୍ୟରେ ୪ ପ୍ଲାଟୁନ ପୋଲିସ ମୁତୟନ ରହିବେ । ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ହୋଟେଲ ଗୁଡ଼ିକରେ ଆୟୋଜନ ହେବାକୁ ଥିବା ଜିରୋ ନାଇଟ୍ ସେଲିବ୍ରେସନ ଉପରେ ନଜର ରଖାଯିବ । ବିଶେଷକରି ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରସ ଏବଂ ବେଦାନ୍ତ କଳିଙ୍ଗ ଲ୍ୟାନ୍ସର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଗତକାଲି ରାହ ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ହାଇଦ୍ରାବାଦ ତୋଫାନ୍ସ ପରାସ୍ତ କରିଥିବାବେଳେ ଅନ୍ୟଏକ ମ୍ୟାଚ୍‌ରେ ସୁରମା ହକି କ୍ଲବ ୪-୧ ସୁଟ୍‌ଆଉଟ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା ।

## ଖେଳାଳି ମନୋନୀତ

ସ୍କୁଲସ୍ତରୀୟ ସର୍ବଭାରତୀୟ ହକି ଟିମ୍‌ରେ ଖେଳିବା ଲାଗି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ୩ଜଣ ଖେଳାଳି ମନୋନୀତ

ହୋଇଛନ୍ତି । ଆସନ୍ତା ଜାନୁଆରୀ ମାସ ୨ରୁ ୭ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳଠାରେ ସର୍ବଭାରତୀୟ ହକି ପ୍ରତିଯୋଗିତାରେ ଏହି ଖେଳାଳିମାନେ ଭାଗନେବେ ।

## ସୁଭଦ୍ରା ଟଙ୍କା

ମହିଳାମାନଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଲାଗି ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ଆସନ୍ତାବର୍ଷ ୩ଟି ପର୍ଯ୍ୟାୟରେ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଗଣମାଧ୍ୟମ ସହ ଆଲୋଚନାବେଳେ ସେ କହିଛନ୍ତି ଆସନ୍ତାବର୍ଷ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାର୍ଚ୍ଚ ୮ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଯିବ । ପରେ ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ ଏବଂ ରକ୍ଷାବନ୍ଧନ ଦିନ ଆଉ ୨ଟି ପର୍ଯ୍ୟାୟରେ ଅର୍ଥ ପ୍ରଦାନ କରାଯିବ । ସେ କହିଛନ୍ତି ଜାନୁଆରୀ ପ୍ରଥମ ସପ୍ତାହରେ ସମସ୍ତ ତଥ୍ୟ ମିଳିବା ପରେ ଏହି ଯୋଜନାରୁ ଯେଭଳି କେହି ବଞ୍ଚିତ ନହେବେ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ।